## *କେନ୍ଦୁଝର : ଭୋଟର ପରିଚୟ ପତ୍ର ସହିତ ଆଧାର ସଂଯୋଗୀକରଣ ପ୍ରକ୍ରିୟାର ଶୁଭାରମ୍ଭ : ବିଭିନ୍ନ ରାଜନୈତିକ* **ଦଳର ପ୍ରତିନିଧି ଏବଂ ଗଣମାଧ୍ୟମର ପ୍ରତିନିଧିମାନଙ୍କ ସହ ଜିଲ୍ଲାପାଳଙ୍କ ବୈଠକ : ବ୍ୟାପକ ସଚେତନତା ସୃଷ୍ଟି ପାଇଁ ସହଯୋଗ ଲୋଡ଼ିଲେ ଜିଲ୍ଲାପାଳ**






କେନ୍ଦୁଝର, ୦୧.୦୮.                    ଭୋଟର ପରିଚୟ ପତ୍ର ସହିତ ଆଧାର ନମ୍ବର ସଂଯୋଗୀକରଣ ପ୍ରକ୍ରିୟାର ଶୁଭାରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ତା ୦୧.୦୮.୨୦୨୨ରିଖ ସୋମବାର ଦିନ ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟସ୍ଥ ମିନି କନ୍‌ଫରେନ୍ସ ହଲ୍ ଠାରେ ଜିଲ୍ଲାପାଳ ଆଶିଷ ଠାକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନଙ୍କ ସହ ପୃଥକ ପୃଥକ ବୈଠକରେ ଏ ସଂପର୍କରେ ସୂଚନା ଦେଇଛନ୍ତି । ଉକ୍ତ ବୈଠକମାନଙ୍କରେ ଜିଲ୍ଲାପାଳ ଶ୍ରୀ ଠାକରେ ସୂଚନା ଦେଇ କହିଥିଲେ ଯେ ଭାରତର ଲୋକ ପ୍ରତିନିଧି ଆଇନ ୧୯୫୦/୧୯୫୧ର ସଂଶୋଧନ ଏବଂ ଭାରତର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁଯାୟୀ ଚଳିତ ଅଗଷ୍ଟ ୦୧ ତାରିଖ ଠାରୁ ଏହି ପ୍ରକ୍ରିୟାର ଶୁଭାରମ୍ଭ କରାଯାଇଛି । ତଦନୁଯାୟୀ ଭାରତର ନିର୍ବାଚନ କମିଶନ ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ କେନ୍ଦୁଝର ଜିଲ୍ଲାରେ ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ସଂଯୋଗୀକରଣ ପାଇଁ ପଦକ୍ଷେପ ନିଆଯାଇଛି । ଭୋଟରମାନଙ୍କର ପରିଚୟ ଦୃଢ଼ିକରଣ କରାଯିବା ସହିତ ଭୋଟର ତାଲିକାରେ ତଥ୍ୟ ବୈଧିକରଣ କରିବା ହେଉଛି ଏହି ପ୍ରକ୍ରିୟାର ଉଦ୍ଦେଶ୍ୟ । ଏତଦ୍‌ବ୍ୟତୀତ ଜଣେ ବ୍ୟକ୍ତିଙ୍କର ଗୋଟିଏ ନିର୍ବାଚନମଣ୍ଡଳୀ କିମ୍ବା ଏକାଧିକ ନିର୍ବାଚନ ମଣ୍ଡଳୀରେ ନାମ ପଞ୍ଜିକରଣ ଚିହ୍ନଟ ସହଜରେ ହୋଇପାରିବ । ଉକ୍ତ ପ୍ରକ୍ରିୟାର ସଫଳତା ପାଇଁ ଜିଲ୍ଲାପାଳ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି । ସୂଚନାଯୋଗ୍ୟ ଯେ ଭୋଟର ତାଲିକା ସହିତ ଆଧାରକାର୍ଡ ସଂଯୋଗୀକରଣ ବାଧ୍ୟତାମୂଳକ ନୁହେଁ । ଭୋଟରମାନେ ସ୍ୱେଚ୍ଛାକୃତ ଭାବେ ଭୋଟର ତାଲିକାରେ ଆଧାର ନମ୍ବର ସଂଯୋଗୀକରଣ ପାଇଁ ନୂଆ ଭାବେ ପ୍ରସ୍ତୁତ କରାଯାଇଥିବା ଫର୍ମ-୬ବି ମାଧ୍ୟମରେ ଅଫ୍‌ଲାଇନ୍ କିମ୍ବା ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିବେ । ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ବୁଲି ଭୋଟର ପରିଚୟ ପତ୍ର ସହିତ ଆଧାର ସଂଯୋଗୀକରଣ ନିମନ୍ତେ ତଥ୍ୟ ସଂଗ୍ରହ କରିବେ । ଏତଦ୍‌ବ୍ୟତୀତ ୬-ବି ଫର୍ମ ଭାରତର ନିର୍ବାଚନ

କମିଶନଙ୍କ ୱେବ୍‌ସାଇଟ୍ ERONET, GARUDA, NVSP, VHA ରେ ଉପଲବ୍ଧ ରହିଛି । ଯଦି କୌଣସି ଭୋଟର ଆଧାର କାର୍ଡ ଦାଖଲ କରି ନପାରନ୍ତି, ତେବେ ଫର୍ମ ୬-ବିରେ ଉଲ୍ଲେଖଥିବା ୧୧ଟି ବିକଳ୍ପ ଡକ୍ୟୁମେଂଟ୍ ମଧ୍ୟରୁ ଗୋଟିଏ ଡକ୍ୟୁମେଂଟ୍ ଦାଖଲ କଲେ, ତାହା ଗ୍ରହଣୀୟ ହେବ । ସୂଚନାଯୋଗ୍ୟ ଯେ, ଆଧାର କାର୍ଡ ଦାଖଲ ନକଲେ ମଧ୍ୟ କୌଣସି ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ ଦିଆଯିବ ନାହିଁ । ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ସଂଯୋଗୀକରଣ ପ୍ରକ୍ରିୟାରେ ଭୋଟରଙ୍କ ଆଧାରକାର୍ଡ ନମ୍ବର ସୁରକ୍ଷିତ ରହିବ । ଇଲୋକ୍‌ଟୋରାଲ୍ ରେଜିଷ୍ଟ୍ରେସନ୍ ଅଫିସର / ସହକାରୀ ଇଲୋକ୍‌ଟୋରାଲ୍ ରେଜିଷ୍ଟ୍ରେସନ୍ ଅଫିସରମାନେ ଭୋଟର ଫେସିଲିଟେସନ୍ ସେଂଟର, ଇ-ସେବା ସେଂଟର ଏବଂ ସିଟିଜେନ୍ ସର୍ଭିସ୍ ସେଂଟର ଜରିଆରେ ମଧ୍ୟ ଆବେଦନ ସଂଗ୍ରହ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ପୂର୍ବରୁ ଜାନୁୟାରୀ ୦୧ ତାରିଖକୁ ଯୋଗ୍ୟତାଭିତିକ ତାରିଖ ଭାବେ ଆଧାର କରି ପ୍ରତି ବର୍ଷ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ କରାଯାଉଥିଲା । କିନ୍ତୁ ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ସଂଯୋଗୀକରଣ ପ୍ରକ୍ରିୟା ହେବା ଫଳରେ ବର୍ଷର ୪ଟି ତାରିଖ ଯଥା- ୧ ଜାନୁୟାରୀ, ୧ ଏପ୍ରିଲ୍, ୧ ଜୁଲାଇ ଏବଂ ୧ ଅକ୍ଟୋବରକୁ ଯୋଗ୍ୟତା ଭିତିକ ତାରିଖ ଭାବେ ଗ୍ରହଣ କରାଯିବ । ଉପରୋକ୍ତ ତାରିଖମାନଙ୍କ ମଧ୍ୟରୁ ଯେକୌଣସି ତାରିଖରେ ୧୮ ବର୍ଷ ବୟସ ହେଉଥିଲେ ଯୁବକ/ଯୁବତୀମାନେ ଭୋଟର ତାଲିକାରେ ନାମ ପଞ୍ଜିକରଣ ପାଇଁ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିପାରିବେ । ଉଲ୍ଲେଖଯୋଗ୍ୟ ଯେ ଲୋକ ପ୍ରତିନିଧି ଆଇନ୍‌ର ସଂଶୋଧନ ଏବଂ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁଯାୟୀ ଭୋଟର ତାଲିକାରେ ନାମ ପଞ୍ଜିକରଣ ସଂପର୍କିତ ଫର୍ମର ସ୍ୱରପ ପରିବର୍ତ୍ତନ କରାଯାଇଛି । ଫର୍ମ ୬ରେ କେବଳ ନୂଆ ଭୋଟରମାନେ ନାମ ପଞ୍ଜିକରଣ ପାଇଁ ଆବେଦନ କରିପାରିବେ । ଫର୍ମ ୬-ଏ ରେ ବିଦେଶରେ ରହୁଥିବା ଭାରତୀୟମାନେ ନାମ ପଞ୍ଜିକରଣ ପାଇଁ ଆବେଦନ କରିପାରିବେ । ଫର୍ମ ୭ରେ ଭୋଟର ତାଲିକାରେ ଥିବା ନାମ ଏବଂ ତଥ୍ୟରେ କିଛି ଯୋଗ/ବିଯୋଗ (ଡେଥ୍ ସାର୍ଟିଫିକେଟ୍ ସହ) ପାଇଁ ଆବେଦନ କରିପାରିବେ । ଫର୍ମ-୮ରେ ବିଧାନସଭା ମଧ୍ୟରେ କିମ୍ବା ଅନ୍ୟ ବିଧାନସଭା ନିର୍ବାଚନ ମଣ୍ଡଳୀକୁ ନାମ ସ୍ଥାନାନ୍ତର, ଭୋଟର ତାଲିକାରେ ଥିବା ତଥ୍ୟ ସଂଶୋଧନ, ଭୋଟର ଫଟୋ ପରିଚୟ ପତ୍ରର ବଦଳ କରିବା ପାଇଁ ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଚିହ୍ନଟ ପାଇଁ ଆବେଦନ କରିପାରିବେ । ପୂର୍ବରୁ ଥିବା ଫର୍ମ ୮-ଏ ଏବଂ ଫର୍ମ ୦୦୧କୁ ବାଦ୍ ଦିଆଯାଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ । ଏତଦ୍‌ବ୍ୟତୀତ ଉକ୍ତ ବୈଠକମାନଙ୍କରେ ୦୧.୦୧.୨୦୨୩କୁ ଯୋଗ୍ୟତାଭିତିକ ତାରିଖ ଭାବେ ଆଧାର କରାଯାଇ ଫଟୋ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ସଂପର୍କରେ ଜିଲ୍ଲାପାଳ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମ ଅନୁସାରେ ଆଗାମୀ ୦୪.୦୮.୨୦୨୨ରୁ ୨୪.୧୦.୨୦୨୨ ପର୍ଯ୍ୟନ୍ତ ପୋଲିଂ ଷ୍ଟେସନ୍‌ମାନଙ୍କର ରେସ୍‌ନାଲାଇଜେସନ୍ / ପୁର୍ନବ୍ୟବସ୍ଥା, ଭୋଟର ତାଲିକାରେ ଥିବା ଦୁର୍ବଳ ଫଟୋ ସ୍ଥାନରେ ଆବଶ୍ୟକ ସ୍ଥଳେ ଭଲ ଫଟୋ ବ୍ୟବସ୍ଥା କରିବା ଇତ୍ୟାଦି କାର୍ଯ୍ୟ ସଂପୂର୍ଣ୍ଣ କରାଯିବ । ତା ୨୫.୧୦.୨୦୨୨ ରୁ ତା ୦୭.୧୧.୨୦୨୨ ପର୍ଯ୍ୟନ୍ତ ଫର୍ମାଟ୍ ୧ ରୁ ୮ର ପ୍ରସ୍ତୁତି ଏବଂ ସମନ୍ୱିତ ଚିଠା ଭୋଟର ତାଲିକା ପ୍ରସ୍ତୁତ କରାଯିବ । ତା ୦୯.୧୧.୨୦୨୨ରିଖ ଦିନ ସମନ୍ୱିତ ଚିଠା ଭୋଟର ତାଲିକା ପ୍ରକାଶନ କରାଯିବ । ତା୦୯.୧୧.୨୦୨୨ରୁ ତା ୦୮.୧୨.୨୦୨୨ରିଖ ପର୍ଯ୍ୟନ୍ତ ଆପତି ଅଭିଯୋଗ ଗ୍ରହଣ ପାଇଂ ସମୟ ଧାର୍ଯ୍ୟ କରାଯାଇଛି । ଆପତି ଅଭିଯୋଗ ସମୟସୀମା ମଧ୍ୟରେ ଦୁଇଟି ଶନିବାରରେ ସ୍ୱତନ୍ତ୍ର ଅଭିଯାନ ଆୟୋଜନ କରାଯିବ । ତା ୦୬.୧୨.୨୦୨୨ରିଖ ସୁଦ୍ଧା ମିଳିଥିବା ଆପତି ଅଭିଯୋଗଗୁଡିକର ଫଇସଲା କରାଯିବ । ତା୦୩.୦୧.୨୦୨୩ରିଖ ସୁଦ୍ଧା ଭୋଟର ତାଲିକା ଚେକ୍ କରାଯିବା ସହିତ ଚୂଡାନ୍ତ ପ୍ରକାଶନ ପାଇଁ କମିଶନଙ୍କ ଠାରୁ ଅନୁମତି ଆଣିବା ନିମନ୍ତେ ପଦକ୍ଷେପ ଗ୍ରହଣ ଏବଂ ଡାଟାବେସ୍ ଅପ୍‌ଡେଟ୍ କରାଯିବ । ତା ୦୫.୦୧.୨୦୨୩ରିଖ ଦିନ ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ ସୂଚନା ଦେଇଛନ୍ତି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ୍ ମଧ୍ୟ ଉପରୋକ୍ତ ପ୍ରକ୍ରିୟା ସଂପର୍କରେ ଆଲୋଚନା କରି ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଏବଂ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ । ଉପଜିଲ୍ଲାପାଳ କେନ୍ଦୁଝର ରାମଚନ୍ଦ୍ର କିସ୍କୁ, ଆସିଷ୍ଟାଂଟ୍ କଲେକ୍ଟର ନିର୍ବାଚନ କିରଣ କୁମାର ନାଏକ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡା ମଧୁସ୍ମିତା ସାମନ୍ତରାୟ, କେନ୍ଦୁଝର ତହସିଲଦାର ଆଶିଷ ମହାପାତ୍ର, ସଦର ବ୍ଲକ୍‌ର ଭାରପ୍ରାପ୍ତ ବିଡିଓ ଭାଗବତ ନାଏକ, ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ କେନ୍ଦୁଝର ସଂଜୀବ ବାରିକ୍‌ଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉକ୍ତ ବୈଠକରେ ଯୋଗଦେଇଥିଲେ ।

ସ୍ୱା/-୦୧.୦୮.୨୦୨୨

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର